ପି. ରାମା ରାଓ

*ବନାମ*

ପି. ନିର୍ମଳା ଏବଂ ଅନ୍ୟମାନେ

ଡ଼ିସେମ୍ବର 5,1996

[କେ. ରାମାସ୍ୱାମୀ ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ବାହକ ଅଧିନିୟମ, 1865:*

*ଧାରା 10 — ବାହକ ବିରୁଦ୍ଧରେ ମକଦ୍ଦମା — ଅଧିସୂଚନା — ତମାଦି ଅବଧି ପାଇଁ — ଆବେଦନକାରୀ, ଭାରତୀୟ ତୈଳ ନିଗମର ଜଣେ ଠିକାଦାର, ପେଟ୍ରୋଲିୟମ ଉତ୍ପାଦ ପରିବହନ କାର୍ଯ୍ୟରେ ନିୟୋଜିତ ଅଛନ୍ତି — ତୈଳ ବିତରଣରେ ନିୟୋଜିତ ଏକ ଟ୍ରକର ଉତ୍ତରଦାତା- ମାଲିକ — ଟ୍ରକର ଦୁର୍ଘଟଣା — ତୈଳ କ୍ଷରଣ — ସୁଧ ସହିତ କମ୍ ପ୍ରଦାନ ରାଶିର ଅସୁଲ ପାଇଁ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ମକଦ୍ଦମା — ମକଦ୍ଦମା ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଫଏସଲା ଏବଂ ପ୍ରଥମ ଅପିଲ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ ହୋଇଛି — ଅପିଲ ଉପରେ ଉଚ୍ଚ ନ୍ୟାୟାଳୟ ବୀମା କମ୍ପାନୀ ବିରୋଧରେ ଡ଼ିକ୍ରିକୁ ଏହି ଆଧାରରେ ରଦ୍ଦ କରିଦେଇଛନ୍ତି ଯେ ଧାରା 10 ଅନୁଯାୟୀ ଅଧିସୂଚନା ଜାରି କରାଯାଇ ନାହିଁ — ଅପିଲ — ଦର୍ଶାଯାଇଛି, ଟ୍ରକର ମାଲିକଙ୍କ ଉତ୍ତରଦାତା-ଓରିଏଣ୍ଟାଲ୍ ଫାୟାର ଆଣ୍ଡ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ସହ ଏକ ବୀମା ପଲିସି ଥିଲା — ଶେଷରେ, ସାଧାରଣ ବାହକଙ୍କ ଉତ୍ତରଦାୟିତ୍ୱ ପାଇଁ, ବୀମା କର୍ତ୍ତା ଭାବରେ ବୀମା କମ୍ପାନୀ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରିବାକୁ ଚେଷ୍ଟା କରାଯାଇଥିଲା — ଫଳସ୍ୱରୂପ, ଅଧିସୂଚନା ଜାରି କରିବାକୁ ପଡ଼ିବ, ଯେତେବେଳେ ବୀମା ପଲିସି ଅଧୀନରେ ଅନ୍ତର୍ଭୁକ୍ତ ହୋଇଥିବା ଏକ ଦୁର୍ଘଟଣା କାରଣରୁ ବହନ କରାଯାଉଥିବା ସାମଗ୍ରୀର କ୍ଷତି ହୋଇଥିଲା — ତେଣୁ, ମକଦ୍ଦମା ଦାଖଲ କରିବା ପୂର୍ବରୁ ପରିବହନ ପାଇଁ ନ୍ୟସ୍ତ ସାମଗ୍ରୀର ନଷ୍ଟ କିମ୍ବା କ୍ଷତି ବିଷୟରେ ଜାଣିବା ତାରିଖରୁ ଛଅ ମାସ ମଧ୍ୟରେ ଧାରା 10 ଅନୁଯାୟୀ ଏକ ଅଧିସୂଚନା ବୀମା କମ୍ପାନୀକୁ ଜାରି କରିବାକୁ ବାଧ୍ୟତାମୂଳକ ଥିଲା — ସ୍ୱୀକାରଯୋଗ୍ୟ, ଦୁର୍ଘଟଣା ଘଟିବାର ଛଅ ମାସ ପରେ ଏଭଳି ଅଧିସୂଚନା ଜାରି କରାଯାଇଥିଲା — ତେଣୁ ବୀମା କମ୍ପାନୀ ବିରୁଦ୍ଧରେ ମକଦ୍ଦମା ଆରୋପିତ ହେବ ନାହିଁ, ଯଦିଓ ସାଧାରଣ ବାହକ ବିରୁଦ୍ଧରେ ଏକ ମକଦ୍ଦମା ଆରୋପିତ ହୋଇପାରେ — ଭାରତୀୟ ତୈଳ ନିଗମ*

*ଦ୍ୱାରା ଆବେଦନକାରୀ ତଥା ସାଧାରଣ ବାହକ ଏବଂ ବୀମା କମ୍ପାନୀକୁ ଜାରି ଅଧିସୂଚନା, ଧାରା 10 ଅନୁଯାୟୀ ଏକ ଅଧିସୂଚନା ଭାବରେ ବିବେଚନା କରାଯିବ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 25126/1996

ଏଲ୍.ପି.ଏ. 239/1993 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ 6.12.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏ.ଟି.ଏମ୍. ସମ୍ପଥ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଏଲ୍.ପି.ଏ. 239/1993ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠର ଡ଼ିସେମ୍ବର 6, 1995ରେ ଦିଆଯାଇଥିବା ରାୟରୁ ଆସିଛି ।

ଆନ୍ଧ୍ରପ୍ରଦେଶରେ ବିଶାଖାପାଟଣାରୁ ହାଇଦ୍ରାବାଦକୁ ପେଟ୍ରୋଲିୟମ ଉତ୍ପାଦ ପରିବହନ ପାଇଁ ଆବେଦନକାରୀ ଭାରତୀୟ ତୈଳ ନିଗମରେ ପଞ୍ଜୀକୃତ ଠିକାଦାର ବୋଲି ସ୍ୱୀକାର କରାଯାଇଛି । ଏହା ଜଣାପଡୁଛି ଯେ, ସେ ଜଣେ ପି. ନିର୍ମଳା, ମାଲିକଙ୍କୁ ନିଯୁକ୍ତ କରିଥିଲେ, ଯାହାଙ୍କୁ ଟ୍ରକ୍ ସଂଖ୍ୟା. ଡ଼ିଏଚ୍ଏଲ୍ 2182 ଏବଂ ଜୁଲାଇ 9, 1982 ରେ ହାଇଦ୍ରାବାଦରେ ବିତରଣ ପାଇଁ 12000 ଲିଟର ତୈଳ ଦାୟିତ୍ୱ ଦିଆଯାଇଥିଲା । ବର୍ତ୍ତମାନ ଏହା ବିବାଦରେ ନାହିଁ ଯେ ଟ୍ରକର ଦୁର୍ଘଟଣା କାରଣରୁ ତୈଳ କ୍ଷରଣ ହୋଇଥିଲା । ପରିଣାମସ୍ୱରୂପ, କେବଳ 1755 ଲିଟର ବିତରଣ କରାଯାଇଥିଲା ଯାହାର ଫଳସ୍ୱରୂପ ଅବଶିଷ୍ଟ, ଯଥା, 10245 ଲିଟରର ଅଭାବ ହୋଇଥିଲା । ସ୍ୱତନ୍ତ୍ର ଅନୁମତି ଆବେଦନରେ ଉତ୍ତରଦାତା ସଂଖ୍ୟା 4 ଟ୍ରକ ମାଲିକ ପି. ନିର୍ମଳା ଏବଂ ବୀମାକାରୀ, ଓରିଏଣ୍ଟାଲ ଫାୟାର ଆଣ୍ଡ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ବିରୁଦ୍ଧରେ ସୁଧ ସହିତ 66, 212.36 ଟଙ୍କା ଆଦାୟ ପାଇଁ ଆବେଦନକାରୀଙ୍କ ଦ୍ୱାରା ମକଦ୍ଦମା ଦାଖଲ କରାଯାଇଥିଲା । ବିଚାର କରୁଥିବା ନ୍ୟାୟାଳୟ ଏହି ମକଦ୍ଦମାର ଫଏସଲା କରିଥିଲେ ଏବଂ ଅପିଲ ଉପରେ ବିଜ୍ଞ ଏକକ ବିଚାରପତି ଏହାକୁ ନିଶ୍ଚିତ କରିଥିଲେ । ଖଣ୍ଡପୀଠ ଅପିଲକୁ ମଞ୍ଜୁରି ଦେଇଥିବା ବେଳେ, ବାହକ ଅଧିନିୟମ, 1865 (ସଂକ୍ଷେପରେ, 'ଅଧିନିୟମ') ର ଧାରା 10 ଅନୁଯାୟୀ ଅଧିସୂଚନା ଜାରି କରାଯାଇ ନଥିବାରୁ ବୀମା କର୍ତ୍ତା ବିରୋଧରେ ମକଦ୍ଦମା ଆରୋପଣ ହେବ ନାହିଁ ବୋଲି ଦର୍ଶାଇ ଉତ୍ତରଦାତା ସଂଖ୍ୟା 4

ବିରୁଦ୍ଧରେ ଜାରି କରାଯାଇଥିବା ଆଦେଶକୁ ରଦ୍ଦ କରିଦେଇଥିଲେ । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ।

ଆବେଦନକାରୀଙ୍କ ପାଇଁ ଅଧିବକ୍ତା ଶ୍ରୀ ଏ.ଟି.ଏମ୍. ସମ୍ପଥ ଯୁକ୍ତି ବାଢ଼ିଛନ୍ତି ଯେ ଯେହେତୁ ଆବେଦନକାରୀ ବାହକ ନୁହଁନ୍ତି, ତେଣୁ ସୂଚନା ଜାରି କରିବାର ଆବଶ୍ୟକତା ନାହିଁ । ତଥାପି, ଯଦି ଏପରି ହେବାର ଅଛି, ତେବେ ଭାରତୀୟ ତୈଳ ନିଗମ ଦ୍ୱାରା ଛଅ ମାସ ମଧ୍ୟରେ ଏପରି ଏକ ଅଧିସୂଚନା ଜାରି କରାଯାଇଛି, ଯାହାର ଏକ ନକଲ ବୀମା କମ୍ପାନୀକୁ ପ୍ରଦାନ କରିଛି । ତେଣୁ, ଏହି ମକଦ୍ଦମା ତମାଦି ମଧ୍ୟରେ ରହିଛି । ଆମେ ଯୁକ୍ତିରେ କୌଣସି ଦୃଢତା ପାଉନାହୁଁ । ଏହି ଅଧିନିୟମର ଧାରା 10ରେ ନିମ୍ନଲିଖିତ ଭାବରେ ଦିଆଗଲା :

> "ପରିବହନ ନିମନ୍ତେ ଜଣେ ସାଧାରଣ ବାହକଙ୍କ ନିକଟରେ ନ୍ୟସ୍ତ ବସ୍ତୁର ହାନି କିମ୍ବା କ୍ଷୟକ୍ଷତି ପାଇଁ କୌଣସି ମକଦ୍ଦମା କରାଯିବ ନାହିଁ, ଯେପର୍ଯ୍ୟନ୍ତ ଏହି ହାନି କିମ୍ବା କ୍ଷୟକ୍ଷତି ସଂପର୍କରେ ଲିଖିତ ଅଧିସୂଚନା ତାଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଏବଂ ହାନି କିମ୍ବା କ୍ଷୟକ୍ଷତି ସମ୍ପର୍କରେ ପ୍ରଥମ ଥର ପାଇଁ ଆବେଦନକାରୀଙ୍କୁ ଅବଗତ ହେବାର ଛଅ ମାସ ମଧ୍ୟରେ ଦିଆଯାଇନାହିଁ ।"

ସ୍ୱୀକାରଯୋଗ୍ୟ, ଆବେଦନକାରୀଙ୍କ ଦ୍ୱାରା ଜୁଲାଇ 5, 1983ରେ ଅବଧି ଶେଷ ହେବା ପରେ କିମ୍ବା ଛଅ ମାସର ସମୟ ପରେ ଅଧିସୂଚନା ଜାରି କରାଯାଇଥିଲା । ଧାରା 10କୁ ପଢ଼ିବା ଦ୍ୱାରା ଏହା ସ୍ପଷ୍ଟ ହୋଇଯିବ ଯେ, ସାଧାରଣ ବାହକଙ୍କ ବିରୋଧରେ ପରିବହନ ପାଇଁ ତାଙ୍କୁ ଦିଆଯାଇଥିବା ସାମଗ୍ରୀର କ୍ଷତି କିମ୍ବା ହାନି ପାଇଁ କୌଣସି ମକଦ୍ଦମା ଦାଖଲ କରାଯିବ ନାହିଁ, ଯେ ପର୍ଯ୍ୟନ୍ତ ବାଦୀଙ୍କୁ ପ୍ରଥମେ ସାମଗ୍ରୀର କ୍ଷତି କିମ୍ବା ହାନି  ବିଷୟରେ ଅବଗତ ହେବାର ଛଅ ମାସ ମଧ୍ୟରେ ମକଦ୍ଦମା ଆରମ୍ଭ ହେବା ପୂର୍ବରୁ ସାମଗ୍ରୀର କ୍ଷତି କିମ୍ବା ହାନି ବିଷୟରେ ତାଙ୍କୁ ଲିଖିତ ଅଧିସୂଚନା ଦିଆଯାଇ ନାହିଁ । ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ଟ୍ରକର ମାଲିକ ପି. ନିର୍ମଳାଙ୍କର ଚତୁର୍ଥ ଉତ୍ତରଦାତା-ଓରିଏଣ୍ଟାଲ୍ ଫାୟାର ଆଣ୍ଡ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ସହ ଏକ ବୀମା ପଲିସି ଥିଲା — ପରିଶେଷରେ, ସାଧାରଣ ବାହକଙ୍କ ଉତ୍ତରଦାୟିତ୍ୱ ପାଇଁ, ବୀମା କର୍ତ୍ତା ଭାବରେ ବୀମା କମ୍ପାନୀ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରିବାକୁ ଚେଷ୍ଟା କରାଯାଇଥିଲା । ଫଳସ୍ୱରୂପ, ବୀମା ପଲିସି ଅଧୀନରେ ଆସୁଥିବା ଏକ ଦୁର୍ଘଟଣା କାରଣରୁ ବହନ କରାଯାଉଥିବା ସାମଗ୍ରୀର କ୍ଷତି ଘଟିବା ସମୟରେ ଅଧିସୂଚନା ଜାରି କରିବାକୁ ପଡ଼ିବ । ତେଣୁ, ମକଦ୍ଦମା ଦାଖଲ କରିବା ପୂର୍ବରୁ ପରିବହନ

ପାଇଁ ନ୍ୟସ୍ତ ସାମଗ୍ରୀର ହାନି କିମ୍ବା କ୍ଷତି ବିଷୟରେ ଅବଗତ ହେବାର ତାରିଖ ଠାରୁ ଛଅ ମାସ ମଧ୍ୟରେ ବୀମା କମ୍ପାନୀକୁ ଧାରା 10 ଅନୁଯାୟୀ ଏକ ଅଧିସୂଚନା ଜାରି କରାଯିବା ଆବଶ୍ୟକ । ବାସ୍ତବରେ, ସ୍ୱୀକାରଯୋଗ୍ୟ, ଏପରି ଏକ ଅଧିସୂଚନା 5 ଜୁଲାଇ, 1983 ରେ ଜାରି କରାଯାଇଥିଲା, ଅର୍ଥାତ୍, ଦୁର୍ଘଟଣା ତାରିଖ ଠାରୁ ଛଅ ମାସ ସମାପ୍ତ ହେବା ପରେ, ଯଥା, ଜୁଲାଇ 9,1982 ତାରିଖରେ । ଅପିଲକାରୀ-ଆବେଦନକାରୀ ବାହକ, ଅର୍ଥାତ୍ ପି. ନିର୍ମଳାଙ୍କ ସ୍ଥାନରେ ନିଜକୁ ରଖିଥିଲେ । ଭାରତୀୟ ତୈଳ ନିଗମ ପକ୍ଷରୁ ଆବେଦନକାରୀ ତଥା ସାଧାରଣ ବାହକ ଏବଂ ବୀମା କମ୍ପାନୀକୁ ଜାରି କରାଯାଇଥିବା ଅଧିସୂଚନାକୁ ଧାରା 10 ଅନ୍ତର୍ଗତ ଅଧିସୂଚନା ଭାବେ ବିବେଚନା କରାଯିବ ନାହିଁ । ଏହି ପରିସ୍ଥିତିରେ, ଏହା ବିଚାର କରାଯିବା ଉଚିତ ଯେ ବୀମା କମ୍ପାନୀ ବିରୁଦ୍ଧରେ ମକଦ୍ଦମା ଆରୋପିତ ହେବନାହିଁ, ଯଦିଓ ସାଧାରଣ ବାହକଙ୍କ ବିରୁଦ୍ଧରେ ମକଦ୍ଦମା ଆରୋପିତ ହୋଇପାରେ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ ହୋଇଛି ।

ଟି.ଏନ୍.ଏ. ଆବେଦନ ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ